ଗ୍ରାମୀଣ କୃଷି ମୌସୁମୀ ସେବା

ଭାରତୀୟ ପାଣିପାଗ ବିଭାଗ

ଓଡ଼ିଶା କୃଷି ଓ ୍ୃୈପୈଷୟିକ ଫିଶ୍ୱଫିଦୟା□ୟ

ଭୁବନେଶ୍ୱର, ଓଡ଼ିଶା

# କୃଷି ଉପଦେଶ ପ୍ରସାରିତ ସମାଚାର

**ତାରିଖ : 22-01-2026**

**କେନ୍ଦ୍ରାପଡା(ଓଡିଶା) - :2026-01-22 ( ଆସନ୍ତା ପାଞ୍ଚଦିନର ୦୮.୩୦ ଭାରତୀୟ ମାନକ ସମୟ ପର୍ଯ୍ୟନ୍ତ)**

| ପାଣିପାଗ କାରକ | 2026-01-23 | 2026-01-24 | 2026-01-25 | 2026-01-26 | 2026-01-27 |
|---|---|---|---|---|---|
| ବର୍ଷା (ମିମି) | 0.0 | 0.0 | 0.0 | 0.0 | 0.0 |
| ସର୍ବାଧିକ ତାପମାତ୍ରା (°ସେଲସିୟସ) | 29.0 | 30.0 | 30.0 | 30.0 | 31.0 |
| ସର୍ବନିମ୍ନ ତାପମାତ୍ରା (°ସେଲସିୟସ) | 12.0 | 13.0 | 13.0 | 14.0 | 14.0 |
| ଆପେକ୍ଷିକ ଆର୍ଦ୍ରତା I (ପ୍ରତିଶତ) | 91 | 88 | 88 | 89 | 86 |
| ଆପେକ୍ଷିକ ଆର୍ଦ୍ରତା II (ପ୍ରତିଶତ) | 43 | 40 | 34 | 36 | 40 |
| ପବନର ବେଗ (କିମି ପ୍ରତି ଘଣ୍ଟା) | 12 | 8 | 8 | 9 | 10 |
| ପବନର ଦିଗ (ଡିଗ୍ରୀ) | 334 | 321 | 302 | 277 | 315 |
| ମେଘାଛନ୍ନ (ଅକ୍ଟା) | 0 | 0 | 0 | 0 | 0 |
| ସତର୍କବାଣୀ | କୌଣସି ସତର୍କତା ନାହିଁ | କୌଣସି ସତର୍କତା ନାହିଁ | କୌଣସି ସତର୍କତା ନାହିଁ | କୌଣସି ସତର୍କତା ନାହିଁ | କୌଣସି ସତର୍କତା ନାହିଁ |

## ପୂର୍ବାନୁମାନ ସାରାଂଶ:

ଭାରତୀୟ ପାଣିପାଗ ବିଭାଗ ର ପୂର୍ବନୁମାନ ଅନୁସାରେ, ଜିଲ୍ଲାରେ ଆଗାମୀ ପାଞ୍ଚ ଦିନ ପର୍ଯ୍ୟନ୍ତ ପାଗ ଶୁଖିଲା ରହିବାର ସମ୍ଭାବନା ରହିଅଛି । ଆଗାମୀ ୫ ଦିନ ପର୍ଯ୍ୟନ୍ତ ଆକାଶ ପରିଷ୍କାର ରହିବାର ସମ୍ଭାବନା ରହିଛି । ଆଗାମୀ ୫ ଦିନ ପର୍ଯ୍ୟନ୍ତ ପବନ ୦୮ – ୧୨ କି.ମି. ପ୍ରତି ଘଣ୍ଟା ବେଗରେ ପ୍ରବାହିତ ହେବାର ସୂଚନା ରହିଛି । ଆଗାମୀ ୫ ଦିନ ପର୍ଯ୍ୟନ୍ତ ସର୍ବୋଚ୍ଚ ତାପମାତ୍ରା ୨୯ – ୩୧ °C ମଧ୍ୟରେ ରହିବାର ସମ୍ଭାବନା ଥିବାବେଳେ ସର୍ବନିମ୍ନ ତାପମାତ୍ରା ୧୨ – ୧୪ °C ମଧ୍ୟରେ ରହିବାର ସମ୍ଭାବନା ରହିଅଛି ।

## ଆବହାବିକ ସତର୍କତା (ପରବର୍ତ୍ତୀ ଦିନ 08:30 IST ଯାଁଚାଯିବାକୁ):

| |
|---|
| କୌଣସି ଚେତାବନୀ ନାହିଁ । |

### ଆବହାବିକ ସତର୍କତାର କୃଷି ଉପରେ ସମ୍ଭାବ୍ୟ ପ୍ରଭାବ ଓ ସଂଶ୍ଳିଷ୍ଟ ଏଗ୍ରୋମେଟ ପରାମର୍ଶ:

| |
|---|
| ନାହିଁ |

### ସାଧାରଣ ଉପଦେଶ:

| |
|---|
| □ ବର୍ତମାନ ଶୁଖିଲା ପାଗ ରହୁଥିବାରୁ ଚାଷୀ ଭାଇ ମାନେ ଫସଲରେ ଜଳ ସେଚନର ବ୍ୟବସ୍ଥା କରନ୍ତୁ । □ ଧାନ ରେ ମୂଳ ସଢା ରୋଗ ର ପରିଚାଳନା ପାଇଁ ଏକର ପ୍ରତି ୪୦୦-ଗ୍ରାମ Metalaxyl ଓ Mancozeb ମିଳିତ ଫିମ୍ପିନାଶକ କିମ୍ବା ୪୦୦-ଗ୍ରାମ Carbendazim ଓ Mancozeb ର ମିଳିତ ଫିମ୍ପିନାଶକ ୨୦୦-ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । □ ଯେଉଁ ଜମି ରେ ଜିଙ୍କ ର ଅଭାବ ଦେଖା ଦେଉଛି , ଜିଙ୍କ ସଲଫେଟ(୨୧%) କୁ ୧୦ କେଲୋଗ୍ରାମ/ଏକର ହିସାବରେ ପ୍ରୟୋଗ କରନ୍ତୁ। □ ଡାଲୁଅ ଧାନ ପ୍ରତି ହିଡ ରେ ୧୫ ସେମି ବ୍ୟବଧାନ ରେ ୨ ରୁ ୩ ଟି ଚାରା ଲଗାନ୍ତୁ ଓ ହିଡ କୁ ହିଡ ର ବ୍ୟବଧାନ ୧୦ ସେମି ରଖନ୍ତୁ । ଧାନ ତଳି ଉପାଡିବା ୨ ରୁ ୩ ଦିନ ପୂର୍ବ ରୁ ୨-୩ ସେମି ଠିଆ ପାଣି ରଖନ୍ତୁ । □ ପନିପରିବା ତଳି ଘେରାକୁ କମ ତାପମାତ୍ରା ରୁ ରକ୍ଷା କରିବା ପାଇଁ ନଡା ଦ୍ୱାରା ଆଚ୍ଛାଦିକରଣ କରନ୍ତୁ । □ ଆଖୁ ଫସଲରେ ଘାସ ନିୟନ୍ତ୍ରଣ ପାଇଁ ବିହନ ଲଗାଇବାର 3 ଦିନ ମଧରେ ଏକର ପ୍ରତି ୮୦୦-ଗ୍ରାମ Atrazine ନାମକ ଘାସମରା ଔଷଧ କିମ୍ବା ୪୦୦-୫୦୦ ଗ୍ରାମ Metribuzin ନାମକ ଘାସମରା ଔଷଧ ୨୦୦- ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । □ ବର୍ତମାନ ଲାଗିଥିବା କୋବି ଜାତୀୟ ପନିପରିବା କୁ ଥଣ୍ଡା ଦାଉରୁ ରକ୍ଷା କରିବା ପାଇଁ କାଗଜ ଠୁଙ୍ଗା ଦ୍ୱାରା ଘୋଡାଇ ରଖନ୍ତୁ । □ ବର୍ତମାନ ତାପମାତ୍ରା କମ ରହୁଥିବାରୁ କୁକୁଡା ଘରେ ତାପମାତ୍ରା ନିୟନ୍ତ୍ରଣ କରିବା ପାଇଁ କୁକୁଡା ଗୃହ ରେ ଇଲେକଟ୍ରିକ ବଲବ କିମ୍ବା ହିଟର ଲଗାନ୍ତୁ ଓ ପୋଲିଥିନ କିମ୍ବା ଝୋଟ ଅଖା ଦ୍ୱାରା ଆଚ୍ଛାଦିକରଣ କରନ୍ତୁ । |

### ମୋବାଇଲ ରେ ପଠାଯାଉଥିବା ସଂକ୍ଷିପ୍ତ ଉପଦେଶ:

| |
|---|
| □ ବର୍ତମାନ ଶୁଖିଲା ପାଗ ରହୁଥିବାରୁ ଚାଷୀ ଭାଇ ମାନେ ଫସଲରେ ଜଳ ସେଚନର ବ୍ୟବସ୍ଥା କରନ୍ତୁ । |

### ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଶସ୍ୟ | ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଧାନ | □ ଘାସ ନିୟନ୍ତ୍ରଣ (ପ୍ରାକ-ତୃଣକମାରି) ଧାନ ରୋଇବାର ୩ ଦିନ ମଧରେ ଏକର ପ୍ରତି ୮୦୦ ମି.ଲି. Pretilachlor ନାମକ ଘାସମରା ଔଷଧ ଯାହାକି Rifit ବା Craze ନାମରେ ମିଳୁଛି କିମ୍ବା ୪୦- ଗ୍ରାମ Oxadiargyl ନାମକ ଘାସମରା ଔଷଧ ଯାହାକି Top star ବା Oximain ନାମରେ ମିଳୁଛି କିମ୍ବା ୮୦ ଗ୍ରାମ Pyrazosulfuran Ethyl ଘାସମରା ଔଷଧ ଯାହାକି Saathi ବା Kilog ନାମରେ ମିଳୁଛି କିମ୍ବା ୪ କିଲୋଗ୍ରାମ Bensulfuran methyl ଓ Pretilachlor ର ମିଶ୍ରିତ ଘାସମରା ଔଷଧ ଯାହାକି Londax Power ବା Erase Strong ନାମରେ ମିଳୁଛି, ପ୍ରୟୋଗ କରନ୍ତୁ। ମନେରଖନ୍ତୁ ଘାସମରା ଔଷଧ କୁ ଏକର ପ୍ରତି ୨୦୦ ଲିଟର ପାଣି ରେ ମିଶାଇ ସିଞ୍ଚନ କରନ୍ତୁ କିମ୍ବା ୨୦ କିଲୋଗ୍ରାମ ବାଲି ରେ ମିଶାଇ ସମାନ ଭାବରେ ଜମି ରେ ପ୍ରୟୋଗ କରନ୍ତୁ । ସର୍ବଦା ଘାସମରା ଔଷଧ କୁ ସଫା ପାଣିରେ ମିଶାଇ ଫ୍ଲାଟ ଫେନ କିମ୍ବା ଜେଟ ନୋଜଲ ଥିବା ସ୍ପ୍ରେୟର ରେ ସିଞ୍ଚନ କରନ୍ତୁ । |
| ବାଦାମ | □ ଟୀକା ରୋଗ ବର୍ତମାନ ସମୟରେ ଚିନାବାଦାମ ଫସଲରେ ଟୀକା ରୋଗ ଲାଗିବାର ସମ୍ଭାବନା ରହିଛି। ଏହି ରୋଗ ର ପରିଚାଳନା ପାଇଁ ଏକର ପ୍ରତି ୪୦୦ ଗ୍ରାମ Chloropthalonil ନାମକ ଫିମ୍ପିନାଶକ କିମ୍ବା ୬୦୦ ଗ୍ରାମ Mancozeb ନାମକ ଫିମ୍ପିନାଶକ କିମ୍ବା ୩୦୦ ମିଲି Hexaconazole ନାମକ ଫିମ୍ପିନାଶକ, ୨୦୦ ଲିଟର ପାଣି ରେ ମିଶାଇ ସିଞ୍ଚନ କରନ୍ତୁ। |
| ବିରି | □ ସମ୍ବାଲୁଆ ପୋକ ମୁଗ ଏବଂ ବିରି ଫସଲ ରେ ସମ୍ବାଲୁଆ ପୋକ ର ପରଚାଳନା ପାଇଁ ଏକର ପ୍ରତି ୪୦୦ ମିଲି Chlorpyriphos ଏବଂ Cypermethrin ର ମିଳିତ କୀଟନାଶକ, ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ପୋକ ଗୁଡିକ |

| ଶସ୍ୟ | ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| | ରାତ୍ରିଚର ହୋଇଥିବାରୁ କୀଟନାଶକ କୁ ସନ୍ଧ୍ୟା ସମୟରେ ପ୍ରୟୋଗ କରନ୍ତୁ । ଏକର ପ୍ରତି ୧୦ କିଲୋଗ୍ରାମ chlorpyriphos ଗୁଣ୍ଡ କୁ ହିଡ ଉପରେ ପ୍ରୟୋଗ କରନ୍ତୁ। |

## ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ବାଇଗଣ | □ କଙ୍କେଡିଆ ପୋକ ଏହି ପୋକ ର ପରିଚାଳନା ପାଇଁ ପ୍ରଥମେ ଉଭୟ ଭୃଙ୍ଗ ଏବଂ ପୂର୍ଣାଙ୍ଗ ପୋକ କୁ ହାତରେ ଧରି ନଷ୍ଟ କରି ଦିଅନ୍ତୁ କିମ୍ବା କିରୋସିନ ମିଶା ପାଣିରେ ପକେଇ ମାରିଦିଅନ୍ତୁ । କଙ୍କେଡିଆ ପୋକର ପରିଚାଳନା ପାଇଁ ପ୍ରାଥମିକ ଅବସ୍ଥାରେ ପ୍ରତି ଲିଟର ପାଣି ରେ ୩ ମିଲି ନିମ୍ବଜାତୀୟ କୀଟନାଶକ ୧୫୦୦ ପିପିଏମ Azadirachtin କୁ ମିଶାଇ ସିଞ୍ଚନ କରନ୍ତୁ । ରାସାୟନିକ ଉପାୟରେ ଏହି ପୋକ ର ପରିଚାଳନା ପାଇଁ ପ୍ରତି ଲିଟର ପାଣି ରେ ୨ମିଲି Chlorpyriphos ନାମକ କୀଟନାଶକ କିମ୍ବା ୨ମିଲି Profenophos ନାମକ କୀଟନାଶକ, ମିଶାଇ ସିଂଚନ କରନ୍ତୁ । |
| ଭେଣ୍ଡୀ | □ ଖରା ଦିନିଆ ଭେଣ୍ଡି ଚାଷ ପାଇଁ ଏକର ପ୍ରତି ୪ କିଲୋଗ୍ରାମ ଉନ୍ନତ ବିହନ କିସମ କିମ୍ବା ୧.୫ କିଲୋଗ୍ରାମ ଶଙ୍କର ବା ହାଇବ୍ରିଡ ବିହନ ଆବଶ୍ୟକ ହୁଏ । ବିହନ ବୁଣିବା ପୂର୍ବରୁ ୧ କିଲୋଗ୍ରାମ ବିହନ ରେ ୩ଗ୍ରାମ Thiram ସହିତ ୭ ଗ୍ରାମ Imidacloprid ୭୦ % WS କୀଟନାଶକ ମିଶାଇ ବିଶୋଧନ କଲେ ଫସଲ ରେ ରୋଗ ଓ ଶୋଷକ ପୋକର ପ୍ରାଦୁର୍ଭାବ କମିଯାଏ । ବିହନ ଲଗାଇବା ସମୟରେ ଉନ୍ନତ କିସମ ପାଇଁ ମୂଳ ସାର ହିସାବରେ ଏକର ପ୍ରତି ୨୬ କିଲୋଗ୍ରାମ ଡିଏପି, ୨୦ କିଲୋଗ୍ରାମ ମ୍ୟୁରେଟ ଅଫ ପଟାସ ସହତି ୧୦ କିଲୋଗ୍ରାମ ୟୁରିଆ ସାର ପ୍ରୟୋଗ କରି ଧାଡି କୁ ଧାଡି ୩୦ ସେମି ଏବଂ ଗଛ କୁ ଗଛ ୩୦ ସେମି ବ୍ୟବଧାନ ରେ ଲଗାନ୍ତୁ। ଶଙ୍କର ବିହନ ପାଇଁ ଏକର ପ୍ରତି ୩୫ କିଲୋଗ୍ରାମ ଡିଏପି, ୨୫ କିଲୋଗ୍ରାମ ମ୍ୟୁରେଟ ଅଫ ପଟାସ ସହିତ ୨୦ କିଲୋଗ୍ରାମ ୟୁରିଆ ସାର ପ୍ରୟୋଗ କରି କୁ ଧାଡି କୁ ଧାଡି ୬୦ ସେମି ଏବଂ ଗଛ କୁ ଗଛ ୪୫ ସେମି ବ୍ୟବଧାନ ରେ ଲଗାନ୍ତୁ । |
| ଫୁଲକୋବି | □ ପତ୍ରଖିଆ ପୋକ- ପ୍ରାଥମିକ ଅବସ୍ଥାରେ ଏହି ପୋକର ପରିଚାଳନା ପାଇଁ ଏକର ପ୍ରତି ୧ ଲିଟର ନିମ୍ବ ଆଧାରିତ କୀଟନାଶକ ୩୦୦ PPM Azadirachtin କୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ରାସାୟନିକ ଉପାୟରେ ଏହି କୀଟ ର ପରିଚାଳନା ପାଇଁ ଏକର ପ୍ରତି ୪୦୦ ମିଲି Tolfenpyrad ନାମକ କୀଟନାଶକ କିମ୍ବା ୨୦ ଗ୍ରାମ Flubendiamide ନାମକ କୀଟନାଶକ କିମ୍ବା ୭୫ ମିଲି Spinosad, ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । |
| ନଡ଼ିଆ | □ ନଡ଼ିଆର ନାଲି ଘୁଣି ପୋକ ଦେଖାଦେଲେ ଗଣ୍ଡିରେ ହୋଇଥିବା କଣାରେ କାର୍ବୋଫ୍ୟୁରାନ୍ ୩% ଜି. + ବାଲି ୧:୧ ଅନୁପାତରେ ମିଶାଇ କଣାକୁ ବନ୍ଦ କରିଦିଅନ୍ତୁ । □ ଗଣ୍ଡାପୋକ ଦେଖାଦେଲେ ନଡିଆ ବଗିଚା ପାଖରେ ଥିବା ଖତଗଦାକୁ ସଫା କରନ୍ତୁ ଓ କ୍ଲୋରପାଇରିଫସ୍ ୧.୫% ଗୁଣ୍ଡ ପକାଇ ବିଶୋଧନ କରନ୍ତୁ । |
| | □ ଗୋଲାପ ଗଛ ରେ ଉକୁଣିଆ ପୋକ ଆକ୍ରମଣ ଦେଖାଦେଲେ ପ୍ରତି ଲିଟର ପାଣିରେ Fenpyroximate ୫% EC @ ୨ ମିଲି କିମ୍ବା Abamactin @୧ ମିଲି ମିଶାଇ ସିଞ୍ଚନ କରନ୍ତୁ \| |

## ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ପଶୁ ପାଳନ | ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଗାଇ | □ ଗାଇଗୋରୁ ମାନଙ୍କୁ FMD, Haemorrhagic Septicaemia, Black Quarter, Enterotoxemia ଆଦି ରୋଗ ପାଇଁ ଟୀକା କାରଣ କରନ୍ତୁ । □ ଶୀତ ସମୟ ରେ ପଶୁ ମାନଙ୍କୁ ଘର ମଧରେ ରଖନ୍ତୁ ଏବଂ ବାୟୁ ଚଳ ପ୍ରଚଳରେ ଧାନ ଦିଅନ୍ତୁ। ଓଦା ହୋଇଥିବା ନଡାକୁ ବା ପାଳକୁ ଗାଇଗୋରଙ୍କୁ ଖାଇବାକୁ ଦିଅନ୍ତୁ ନାହିଁ । ଖାଇବାକୁ ଦେବା ପୂର୍ବରୁ ଖରାରେ ଭଲ ଭାବରେ ଶୁଖାଇ ଦିଅନ୍ତୁ । □ ଓଦା ସନ୍ତସନ୍ତିଆ ଅଂଚଳକୁ ଗାଇଗୋରଙ୍କୁ ଚରିବାକୁ ଛାଡନ୍ତୁ ନାହିଁ । ନଚେତ୍ ଗାଇଗୋରଙ୍କୁ ଆଖିଧରା ରୋଗ ହେବାର ସମ୍ଭାବନା ଥାଏ । |

**ଆବହାବିକ ସତର୍କତାର ସମ୍ଭାବ୍ୟ ପ୍ରଭାବ (ସାଧାରଣ):**

| |
|---|
| ନାହିଁ |

**ପ୍ରଭାବ ଆଧାରିତ ପରାମର୍ଶ (ସାଧାରଣ):**

| |
|---|
| ନାହିଁ |

**Farmers are advised to download Unified �Mausam� and "Meghdoot" android application on mobile for Weather forecast and weather based Agromet Advisories and "Damini" android application for forecast of Thunderstorm and lightening.**

**Mausam MobileApp link: https://play.google.com/store/apps/details/**

**Meghdoot MobileApp link: https://play.google.com/store/apps/details**

**Damini MobileApp link : https://play.google.com/store/apps/details**